# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 14 October– 2026

# କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ମଂଜୁରୀ ମିଳିଛି । ଏଥିରେ ସରକାରୀ ଶାସନ ମୁଖ୍ୟ ଭାବେ ସାଧାରଣ ସେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ ବର୍ଷ ପୂରଣ କରିଥିବା ହେତୁ କ୍ୟାବିନେଟ୍‌ରେ ଏକ ସ୍ୱତନ୍ତ୍ର ସଂକଳ୍ପ ପାରିତ ହୋଇଛି ।

କୃଷକମାନଙ୍କ ପାଇଁ ସାର ଓ ବିହନର ସୁପରିଚାଳନା ଲାଗି ୧ ହଜାର ୩୬୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ, ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ୫୦୦ କୋଟି ଟଙ୍କାର ଯୋଜନା ଏବଂ ମହାନଦୀ ରିଭର ଫଣ୍ଟର ସମନ୍ୱିତ ବିକାଶ ପ୍ରକଳ୍ପକୁ ମଧ୍ୟ ମଂଜୁରୀ ମିଳିଛି । ଏହା ସହ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି ଲାଗି ୪୫୦ କୋଟି ଟଙ୍କା ବ୍ୟୟରେ ଦକ୍ଷତା ବିକାଶ ଯୋଜନା, ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗଠାରେ ମତ୍ସ୍ୟ ବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ ଲାଗି ୧ ଶହ ୩୩ କୋଟି ୮୧ ଲକ୍ଷ ଟଙ୍କା ମଂଜୁର କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣକୁ ମଧ୍ୟ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି ।

ଏହି ଯୋଜନା ପାଇଁ ଆଗାମୀ ୫ ବର୍ଷରେ ୧୮୪ କୋଟି ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ବଲାଙ୍ଗୀର ଜିଲ୍ଲାରେ ଜଳାଭାବ ସମସ୍ୟାର ସମାଧାନ ଲାଗି ତେଲନଦୀର ଉପନଦୀ ଲାନ୍ଥ ନଦୀ ଉପରେ ଏକ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ମଧ୍ୟ  ଟେଣ୍ଡରକୁ ମଂଜୁରୀ ମିଳିଛି । ସେହିପରି ବିପର୍ଯ୍ୟୟ ସମୟରେ ଡିଜିଟାଲ ସେବାଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୭୬ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ସହ-ତଥ୍ୟ କେନ୍ଦ୍ର ପ୍ରତିଷ୍ଠା ପାଇଁ କ୍ୟାବିନେଟ୍ ମଂଜୁରୀ ଦେଇଥିବା ଜଣାପଡ଼ିଛି ।

---

## ମୁଖ୍ୟମନ୍ତ୍ରୀ-ଶିଳ୍ପ ପ୍ରକଳ୍ପ ଶିଳାନ୍ୟାସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଣଚାଳିଶ ହଜାର ୩୮୩ କୋଟି ଟଙ୍କା ମୂଲ୍ୟର ୪୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏହା ଦ୍ୱାରା ୪୨ ହଜାର ୫୧୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

---

## ଛାତ୍ର ସଂସଦ ନିର୍ବାଚନ

ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି 'ହ୍ୱାଏ ଆଇ ଷ୍ଟାଣ୍ଡ' ମିଟିଂ ଅନୁଷ୍ଠିତ ହେବ । ନିର୍ବାଚନ ପାଇଁ ଗତକାଲି ପ୍ରଚାର ଶେଷ ହୋଇଛି । ଆସନ୍ତାକାଲି ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ

କରାଯାଇ ଫଳାଫଳ ଘୋଷଣା କରାଯିବ । ୧୬ ତାରିଖ ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଅନୁଷ୍ଠିତ ହେବ ।

## ଭୋଟର ସର୍ଭେ

ଭଦ୍ରକ ଜିଲ୍ଲାରେ ୨୦୨୭ ମସିହାରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ନିରପେକ୍ଷ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଘରକୁ ଘର ସର୍ଭେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଭଦ୍ରକରେ ସମୀକ୍ଷା କରି ପ୍ରଥମେ ଭଣ୍ଡାରିପୋଖରୀ ଓ ଧାମନଗର ଅଞ୍ଚଳରେ ସୁପରଭାଇଜର, ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଘରକୁ ଘର ଯାଇ ସର୍ଭେ କରିବା, ନୂତନ ଭୋଟରଙ୍କୁ ସାମିଲ କରିବା, ଭୋଟର ତଥ୍ୟ ଯାଞ୍ଚ କରିବା ଆଦି ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ଧନୁଯାତ୍ରା

ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆସନ୍ତା ଜାନୁଆରୀ ମାସ ୧୨ ତାରିଖରୁ ଆରମ୍ଭ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥିରେ ୨୦୨୫-୨୬ ବର୍ଷର ଆୟ ବ୍ୟୟ ହିସାବ ସମୀକ୍ଷା ସହ ଧନୁଯାତ୍ରା ମହୋତ୍ସବ ଆୟୋଜନ ନେଇ ଆଲୋଚନା ହୋଇଥିଲା ।

## ଓଡ଼ିଶା ମଣ୍ଡପ

ଗ୍ରେଟର ନଏଡାରେ ଆରମ୍ଭ ହୋଇଥିବା ଦିଲ୍ଲୀ ଅଟମ୍ ଫେୟାର୍‌ରେ ଓଡ଼ିଶା ମଣ୍ଡପକୁ ରାଜ୍ୟ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସକୁମାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦର ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିଶେଷ ଚାହିଦା ରହିଛି । ଏଭଳି ମେଳା ଦେଶ ବିଦେଶର ବ୍ୟବସାୟୀକ ସଂସ୍ଥା ଓ ଗ୍ରାହକଙ୍କ ସହ ଯୋଡ଼ିବାର ପ୍ରମୁଖ ମାଧ୍ୟମ ହୋଇଛି । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ରାଜ୍ୟର ପାରମ୍ପରିକ କଳାକୃତି ଓ ବୟନ ସାମଗ୍ରୀକୁ ସ୍ଥାନ ଦିଆଯାଇଛି ।

## ନବରାତ୍ରୀ ପୂଜାର୍ଚ୍ଚନା

ନବରାତ୍ରିର ଚତୁର୍ଥ ଦିବସରେ ଆଜି ବିଭିନ୍ନ ଶକ୍ତି ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମାଙ୍କ କୁଶମାଣ୍ଡା ବେଶ ଅନୁଷ୍ଠିତ ହେଉଛି । ଦେବୀ କୁଶମାଣ୍ଡା ହେଉଛନ୍ତି ତେଜ ଓ ପ୍ରତାପର ସ୍ୱରୂପ । ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କ ଠାରୁ ନିର୍ଗତ ହେଉଥିବା ତେଜର ସୃଷ୍ଟିକର୍ତ୍ତା ଦେବୀ କୁଶମାଣ୍ଡା ବୋଲି ବିଶ୍ୱାସ ରହିଛି ।

## ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ

ବୈଦ୍ୟୁତିକ ବର୍ଜ୍ୟବସ୍ତୁ କିମ୍ବା ଇ-ଆବର୍ଜନାକୁ ହ୍ରାସ ଏବଂ ଏହାର ପୁନଃ ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ ପାଳନ କରାଯାଉଛି। ୨୦୧୮ ମସିହାରୁ ପ୍ରତିବର୍ଷ ଅକ୍ଟୋବର ମାସ ୧୪ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ ପରିତ୍ୟକ୍ତ ବୈଦ୍ୟୁତିକ ବର୍ଜ୍ୟବସ୍ତୁର

ସଠିକ ପରିଚାଳନା ଏବଂ ପୁନଃଚକ୍ରଣ ମାଧ୍ୟମରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକର ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ।

## ହକି-ଭାରତୀୟ ଦଳ

ଏସିଆନ୍ ପୁରୁଷ ଚମ୍ପିୟାନ୍‌ସିପ୍ ହକି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । ଏଥିରେ ଓଡ଼ିଶାରୁ ଅମିତ ରୋହି ଦାସ, ଅମନଦୀପ ଲାକ୍ରା ଓ ଶିବାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ପଞ୍ଜାବର ଜଲନ୍ଧର ଓ ମୋହାଲିଠାରେ ଆସନ୍ତା ୨୭ରୁ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ।